# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27th May - 2024**

**News Editor : *Tapan Kumar Maharana***

*************************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀମାନେ ଗସ୍ତଖର୍ଚ୍ଚ ଓ ମହଙ୍ଗାଭତ୍ତା ପାଇବେ - କହିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ।
- ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜାରି ।

— ବି.ଜେ.ପି. ଓ କଂଗ୍ରେସର ବରିଷ୍ଠ ନେତାମାନେ ଆସନ୍ତାକାଲିଠାରୁ ବିଭିନ୍ନ ସ୍ଥାନରେ କରିବେ ନିର୍ବାଚନ ପ୍ରଚାର ।

- ମ୍ୟାଟ୍ରିକ ଏବଂ ଯୁକ୍ତ ଦୁଇ ପରୀକ୍ଷା ଖାତାର ପୁନଃ ଯାଞ୍ଚ ପାଇଁ ଆବେଦନ ସମୟସୀମା ଘୋଷଣା ।
- ଠକାମିରୁ ବର୍ତ୍ତିବାପାଇଁ ଆୟକର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି ।

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୫ ଦିନ ଭିତରେ କେରଳ ଉପକୂଳ ଛୁଇଁବା ନେଇ ପାଣିପାଗ ବିଭାଗର ଅନୁମାନ ।

*HS*

# ନିର୍ବାଚନ - ସରକାରୀ କର୍ମଚାରୀ ଗସ୍ତଖର୍ଚ୍ଚ

ରାଜ୍ୟରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସରକାରୀ କର୍ମଚାରୀମାନେ ଗସ୍ତଖର୍ଚ୍ଚ ଓ ମହଙ୍ଗାଭତ୍ତା ପାଇବେ । ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଯେଉଁ ସରକାରୀ କର୍ମଚାରୀମାନେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ ହୋଇଥିବେ, ସେମାନେ ବିଭାଗୀୟ ମୁଖ୍ୟଙ୍କଠାରୁ ପେ-ସ୍କେଲ୍ ଅନୁଯାୟୀ ଗସ୍ତଖର୍ଚ୍ଚ ଓ ମହଙ୍ଗାଭତ୍ତା ପାଇଁ ଆବେଦନ କରିବେ । ବିଭାଗୀୟ ମୁଖ୍ୟ ସମ୍ପୃକ୍ତ କର୍ମଚାରୀମାନଙ୍କୁ ଏହି ଅର୍ଥ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶାବଳୀରେ କୁହାଯାଇଛି ।

*Desk/Bhadrak/R*

# ନିର୍ବାଚନ ପ୍ରଚାର

ରାଜ୍ୟରେ ତିନୋଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଆସନ୍ତା ଜୁନ୍ ମାସ ୧ ତାରିଖରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ୩ଟି ପ୍ରମୁଖ ରାଜନୈତିକ ଦଳ ବି.ଜେ.ପି., କଂଗ୍ରେସ ଓ ବି.ଜେ.ଡି.ର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକମାନେ କରୁଛନ୍ତି ।

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧି ପ୍ରଚାରପାଇଁ ଓଡ଼ିଶା ଆସିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବୁଧବାର ଦିନ ଓଡ଼ିଶା ଗସ୍ତରେ ଆସି ୩ଟି ସଭାରେ ଯୋଗଦେବେ । ପ୍ରଥମେ ବାରିପଦାର ଛଉ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବା ପରେ ବାଲେଶ୍ୱର ଓ ଅପରାହ୍ଣରେ କେନ୍ଦ୍ରାପଡ଼ାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବେ ।

ସେହିପରି ଆସନ୍ତାକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଗସ୍ତରେ ଆସି ଚାନ୍ଦବାଲି, କୋରେଇ ଏବଂ ନିମାପଡ଼ାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

କଂଗେସ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧି ଆସନ୍ତା ୩୦ ତାରିଖରେ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଚାର କରିବେ । ୨୯ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ବାଲେଶ୍ୱର ଏବଂ ଭଦ୍ରକରେ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

ଆଜି ବି.ଜେ.ଡି. ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ସଫଳତା ବର୍ଣ୍ଣନା କରିବା ସହିତ ଆଗାମୀ ଦିନରେ ଜିଲ୍ଲାର ବିକାଶ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଦେଇପୁର, ନାୟକାଣୀଡିହି ଓ ବାଲିଆପାଳ ଘାଟରେ ରୋଡ୍‌ଶୋ' କରିଛନ୍ତି । ଶ୍ରୀ ବୈଷ୍ଣବ ଏହି ଅବସରରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଛନ୍ତି ।

***Desk, Jajpur/R***

## ଲୋକସଭା ନିର୍ବାଚନ

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ମାସ ୧ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଅବଶିଷ୍ଟ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ । ଏହି ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ପାଇଁ ୬୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯାଜପୁର ଜିଲ୍ଲାରେ ନିର୍ବାଚନ ନେଇ ଆମ ପ୍ରତିନିଧି ପ୍ରିୟରଞ୍ଜନ କରଙ୍କ ରିପୋର୍ଟ...

***Voice :.........***

***Desk***

# ଯୁକ୍ତ ଦୁଇ ପୁନଃ ମୂଲ୍ୟାୟନ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଯୁକ୍ତ ଦୁଇ ପରୀକ୍ଷା ଉତ୍ତରଖାତାର ପୁନଃ ମୂଲ୍ୟାଙ୍କନ ପାଇଁ ଆସନ୍ତା ଜୁନ୍ ପହିଲା ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇବ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ୧ ତାରିଖରୁ ପରୀକ୍ଷାଖାତାର ପୁନଃ ମୂଲ୍ୟାଙ୍କନ ପାଇଁ ଆବେଦନ କରିପାରିବେ । ଜୁନ୍ ମାସ ଶେଷ ସପ୍ତାହରେ ବାର୍ଷିକ ଇନ୍‌ଷ୍ଟାଣ୍ଟ ପରୀକ୍ଷା ହେବ ବୋଲି ପରିଷଦ କହିଛି। ଅକୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ପୁଣିଥରେ ସୁଯୋଗ ଦେବା ପାଇଁ ପରିଷଦ ତରଫରୁ ଏହି ପଦକ୍ଷେପ ନିଆଯାଇଛି । ଗତକାଲି ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନରେ ସର୍ବାଧିକ ୭୯୮ଜଣ ଫେଲ୍ ହୋଇଥିବା ବେଳେ ଧନ୍ଦାମୂଳକ ଶିକ୍ଷାରେ ସବୁଠାରୁ କମ୍ ୯୧ଜଣ ଫେଲ୍ ହୋଇଛନ୍ତି ।

ସେହିଭଳି ଚଳିତମାସ ୨୯ ତାରିଖରୁ ଜୁନ୍ ମାସ ୧୨ ତାରିଖ ମଧ୍ୟରେ ୧୫ ଦିନ ଧରି ମ୍ୟାଟ୍ରିକ ପରୀକ୍ଷା ଖାତାର ପୁନଃ ଯାଞ୍ଚ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରାଯାଇପାରିବ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମୁକ୍ତ ବିଦ୍ୟାଳୟ ଏବଂ ମଧ୍ୟମା ଛାତ୍ରଛାତ୍ରୀମାନେ ଅଫ୍‌ଲାଇନ୍ ମାଧ୍ୟମରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଆଞ୍ଚଳିକ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

*Desk*

# ଆୟକର ମାର୍ଗଦର୍ଶିକା

ଆୟକର ବିଭାଗ ନାମରେ ଟିକସ ପୈଠ ଲାଗି ଆସୁଥିବା କୌଣସି ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ ତାହା ସଠିକ୍ କିମ୍ବା ଭୁଲ୍, ଯାଞ୍ଚ୍ କରିବା ଆବଶ୍ୟକ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଠକାମିର ଶିକାର ହେବା ପରେ ଆୟକର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଏଥିରେ କୁହାଯାଇଛି, ଆୟକର ବିଭାଗ ପକ୍ଷରୁ ପଠାଯାଇଥିବା କୌଣସି ନୋଟିସ୍ ବିଭାଗୀୟ ପୋର୍ଟାଲ୍‌ରେ ଉପଲବ୍ଧ ଥାଏ । ତେଣୁ ଇ-ଫାଇଲ୍ ପୋର୍ଟାଲ୍‌ରେ ପ୍ରଥମେ ନୋଟିସ୍‌ର ବୈଧତା ଯାଞ୍ଚ୍ କରିବା ଆବଶ୍ୟକ । ଏହାବ୍ୟତୀତ ୨୦୧୯ ପରଠାରୁ ଆୟକର ବିଭାଗ ପକ୍ଷରୁ ପ୍ରତ୍ୟେକ ବିଜ୍ଞପ୍ତିରେ ଡି.ଆଇ.ଏନ୍. ନମ୍ବର ରଖିଥାଏ । ତେଣୁ ଗ୍ରାହକମାନେ ଡି.ଆଇ.ଏନ୍. ନମ୍ବର ଜରିଆରେ ମଧ୍ୟ ନୋଟିସ୍ ସଠିକ୍ କି ନୁହେଁ, ତାହା ଜାଣିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

*Puri/R*

# ରଥଯାତ୍ରା - ବାସୁଙ୍ଗା ପାଟ

ଆଗାମୀ ରଥଯାତ୍ରା ପାଇଁ ଆଜି ପୁରୀରେ ବାସୁଙ୍ଗା ପାଟ ପହଞ୍ଚିଛି । ତିଗିରିଆ-ନୂଆପାଟଣା ଅଞ୍ଚଳରୁ ୩ କୁଇଣ୍ଟାଲ୍ ବାସୁଙ୍ଗା ପାଟ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତାନ୍ତର

କରାଯାଇଛି । ରଥଯାତ୍ରା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆପାଟଣାର ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗା ପାଟ ପାଇଁ ବରାଦ କରାଯାଇଥାଏ ।

***Desk***

# ରଥ ନିର୍ମାଣ

ଶ୍ରୀଜୀଉ ମାନଙ୍କର ରଥଯାତ୍ରା ପାଇଁ ଗତକାଲି ରଥଖଳାରେ ତିନିରଥର ଅଖ କାମ ଅନୁକୂଳ ହୋଇଛି । ମହାପ୍ରଭୁଙ୍କର ମାଳ ମାହାର୍ଦ୍ଧ ସମର୍ପଣ କରି ବିଶ୍ୱକର୍ମାମାନେ ନାହାକା ଅଖ ତିଆରି ଆରମ୍ଭ କରିଛନ୍ତି । ଆସନ୍ତା ୨୯ ତାରିଖ ଦିନ ଭଉଁରୀ ଉତ୍ସବରେ ଚକ ଓ ଅଖ ସଂଯୋଗ ହେବ ।

***Malkangiri/R***

# ଆଇନ ସଚେତନତା ଶିବିର

ମାଲକାନଗିରି ଆଇ.ଟି.ଡି.ଏ. ସଭାକକ୍ଷରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି ପୌର ପରିଷଦ ଅଧୀନସ୍ଥ ସଫେଇ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ । ଏହି ଶିବିରରେ ଆଇନସେବା ପ୍ରାଧିକରଣ ସଚିବ ରାକେଶ କୁମାର ମୁଦୁଲିଙ୍କ ସମେତ ଆଇନଜୀବୀ ଓ

ଅଧିକାରୀମାନେ ଯୋଗଦେଇ ମାଗଣା ଆଇନସେବା ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ ।

*Met. O*

## ମୌସୁମୀ ବାୟୁ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୫ ଦିନ ମଧ୍ୟରେ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମାଳଦୀପର କିଛି ଅଂଶ, କାମୋରିନ୍ ଅଂଚଳ ଓ ଦକ୍ଷିଣ ବଙ୍ଗୋପସାଗର ନିକୋବର ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣ ଆଣ୍ଡାମାନ ସାଗରର କିଛି ଅଂଶକୁ ଅଗ୍ରସର ହୋଇଥିଲା। ଏବେ ମୌସୁମୀ ବାୟୁ ପ୍ରବେଶ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି ।

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଚଳିତ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ଲା-ନିନା ପରିସ୍ଥିତି ଅନୁକୂଳ ଥିବାରୁ ଭାରତରେ ଚଳିତ ମୌସୁମୀ ଋତୁରେ ଭଲ ବର୍ଷା ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଦେଶର କୃଷିଭିତ୍ତିକ ଅର୍ଥନୀତି ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଉପରେ ନିର୍ଭର କରିଥାଏ। ମୋଟ୍ ଚାଷଜମିର ୫୨ ପ୍ରତିଶତ ଜଳସେଚନ ପାଇଁ ମୌସୁମୀ ବର୍ଷା ଉପରେ ନିର୍ଭର କରିବା ସହିତ ବିଦ୍ୟୁତ୍ ଉତ୍ପାଦନ ବ୍ୟତୀତ ପାନୀୟ ଜଳ ଏବଂ ଜଳଭଣ୍ଡାରଗୁଡ଼ିକରେ ଜଳ ସଂରକ୍ଷଣରେ ଏହି ମୌସୁମୀ ବର୍ଷା ସହାୟକ ହୋଇଥାଏ।

# ପାଣିପାଗ

ରାଜ୍ୟରେ ଆସନ୍ତାକାଲିଠାରୁ ତାପମାତ୍ରା ବୃଦ୍ଧି ପାଇବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ସୂଚନା ଅନୁଯାୟୀ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ତେବେ ଆସନ୍ତା ୫ ଦିନ ପର୍ଯ୍ୟନ୍ତରେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ସମ୍ଭାବନା ନ ଥିବା ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ।

***Voice :.........***

ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ଜିଲ୍ଲା ରଣପୁରରେ ସର୍ବାଧିକ ୯୨ ଦଶମିକ ୮ ମିଲିମିଟର ବର୍ଷା ହୋଇଯାଇଛି । ସେହି ସମୟ ମଧ୍ୟରେ କେନ୍ଦ୍ରାପଡ଼ାରେ ୭୮ ଏବଂ ମୟୂରଭଞ୍ଜରେ ୬୮ ଦଶମିକ ୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି ।

*****